# NATIONAL NEWS BULLETIN (ODIA)

## 16th February - 2026

## Morning Bulletin : 7.15 a.m.

*******************************

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀରେ ଆଜି ଆରମ୍ଭ ହେଉଛି ଭାରତ କୃତ୍ରିମ ବୁଦ୍ଧିମତ୍ତା ପ୍ରଭାବ ସମ୍ମିଳନୀ-୨୦୨୬ ।

— ଏହି ଅବସରରେ ଏକ୍ସପୋ-୨୦୨୬କୁ ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ ।

- ଦେଶରେ ସଂସ୍କାର, ନବସୃଜନ ଏବଂ ସହଜ ପ୍ରଶାସନିକ ବ୍ୟବସ୍ଥାକୁ ପ୍ରାଥମିକତା ପ୍ରଦାନ କରାଯାଉଛି; କହିଲେ ପ୍ରଧାନମନ୍ତ୍ରୀ ।

- କର୍ତ୍ତବ୍ୟରେ ଅବହେଳା ଅଭିଯୋଗରେ ପଶ୍ଚିମବଙ୍ଗର ୭ ଜଣ ଏ.ଇ.ଆର୍.ଓ.ଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଲେ ନିର୍ବାଚନ ଆୟୋଗ ।

- ଜେନେଭାଠାରେ ଆସନ୍ତାକାଲି ଆମେରିକା ଓ ଇରାନ୍ ମଧ୍ୟରେ ଅନୁଷ୍ଠିତ ହେବ ଦ୍ୱିତୀୟ ପର୍ଯ୍ୟାୟ ପରମାଣୁ ସଂକ୍ରାନ୍ତ ଆଲୋଚନା ।

ଏବଂ

- ପୁରୁଷ ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାରେ ପାକିସ୍ତାନକୁ ୬୧ ରନ୍‌ରେ ପରାସ୍ତ କଲା ଭାରତ ।

## ଇଣ୍ଡିଆ-ଏ.ଆଇ. ସମ୍ମିଟ୍

ଭାରତ କୃତ୍ରିମ ବୁଦ୍ଧିମତା ପ୍ରଭାବ ସମ୍ମିଳନୀ ୨୦୨୬ ସ୍ୱାସ୍ଥ୍ୟ, ସେବା, କୃଷି ଏବଂ ପ୍ରଶାସନ କ୍ଷେତ୍ରରେ ସମାଧାନର ସୂତ୍ର ବାହାର କରିବ । ନୂଆଦିଲ୍ଲୀରେ ଆଜି ଏହି ସମ୍ମିଳନୀ ଆରମ୍ଭ ହେଉଛି । ସମ୍ମିଳନୀରେ ବିଭିନ୍ନ ଦେଶର ଶୀର୍ଷ ନେତୃତ୍ୱ ଏବଂ କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ କାର୍ଯ୍ୟ କରୁଥିବା ଅଂଶୀଦାରଙ୍କ ପ୍ରତିନିଧିମଣ୍ଡଳୀ ଯୋଗ ଦେଉଛନ୍ତି । ୨୦ଟି ଦେଶର ନେତା ଏବଂ ୪୫ରୁ ଅଧିକ ଦେଶର ମନ୍ତ୍ରିସ୍ତରୀୟ ପ୍ରତିନିଧିମଣ୍ଡଳୀ ଏଥିରେ ଯୋଗ ଦେଉଛନ୍ତି । ଏହି ସମ୍ମିଳନୀ ବିଶ୍ୱ ସ୍ତରରେ କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ କାର୍ଯ୍ୟସୂଚୀ ପ୍ରସ୍ତୁତପାଇଁ ଏକ ପ୍ରମୁଖ ପ୍ଲାଟ୍‌ଫର୍ମ ହେବ ।

## ପି.ଏମ୍. - ଇଣ୍ଡିଆ-ଏ.ଆଇ. ଏକ୍ସପୋ

ନୂଆଦିଲ୍ଲୀରେ India-AI Impact Expo-2026କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଉଦ୍‌ଘାଟନ କରିବେ । ଭାରତ କୃତ୍ରିମ ବୁଦ୍ଧିମତ୍ତା ଇମ୍ପ୍ୟାକ୍ଟ ସମ୍ମିଳନୀ-୨୦୨୬ ଅବସରରେ ଏହି ପାଞ୍ଚଦିନିଆ ପ୍ରଦର୍ଶନୀ ଅନୁଷ୍ଠିତ ହେଉଛି ।  ଏହି ସମ୍ମିଳନୀରେ ଅଷ୍ଟ୍ରେଲିଆ, ଜାପାନ, ରୁଷ୍, ଆମେରିକା, ଫ୍ରାନ୍‌ସ, ଜର୍ମାନୀ, ଇଟାଲୀ, ନେଦରଲ୍ୟାଣ୍ଡସ୍, ସ୍ୱିଜରଲାଣ୍ଡ, ସର୍ବିୟା, ଏଷ୍ଟୋନିଆ, କାଜାଖସ୍ଥାନ ଏବଂ ଆଫ୍ରିକାର କୃତ୍ରିମ ବୁଦ୍ଧିମତ୍ତା ସମ୍ପର୍କିତ ମଣ୍ଡପ ପ୍ରଦର୍ଶନ କରାଯିବ । ଏହା ଏ.ଆଇ. କ୍ଷେତ୍ରରେ ବୈଶ୍ୱିକ ସହଯୋଗକୁ ତ୍ୱରାନ୍ୱିତ କରିବାର ସମ୍ଭାବନା ରହିଛି । ସମ୍ମିଳନୀରେ ୩ ଶହରୁ ଅଧିକ ପ୍ରଦର୍ଶନୀ ମଣ୍ଡପ ଏବଂ ସିଧାସଳଖ ବ୍ୟାବହାରିକ ଉପଯୋଗ କୌଶଳ ପ୍ରଦର୍ଶନ କରାଯିବ । କାର୍ଯ୍ୟକ୍ରମର ରୂପରେଖ ୩ଟି ପ୍ରମୁଖ ବିଷୟ People, Planet and Progress ଉପରେ ଆଧାରିତ । ଏଥିରେ ୬ ଶହରୁ ଅଧିକ ଷ୍ଟାର୍ଟଅପ୍ ଭାଗ ନେଉଛନ୍ତି । ସମ୍ମିଳନୀରେ ୫ ଶହରୁ ଅଧିକ ଅଧିବେଶନର ଆୟୋଜନ କରାଯିବ । ସେଥିରେ ବିଭିନ୍ନ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତାର ପ୍ରଭାବ, ଭବିଷ୍ୟ ଏବଂ ସମ୍ଭାବନା ସମ୍ପର୍କରେ ଆଲୋଚନା କରାଯିବ । ସମ୍ମିଳନୀରେ ଅନ୍ତର୍ଜାତୀୟ ପ୍ରତିନିଧିଙ୍କ ସମେତ ଅଢ଼େଇ ଲକ୍ଷରୁ ଅଧିକ ପରିଦର୍ଶକ ଅଂଶଗ୍ରହଣ କରିବାର କାର୍ଯ୍ୟସୂଚୀ ରହିଛି । ବିଶ୍ୱ ସ୍ତରରେ ଏ.ଆଇ. ବ୍ୟବସ୍ଥାରେ ନୂତନ ଭାଗିଦାରିତା ଏବଂ ବ୍ୟାବସାୟିକ ସୁଯୋଗ ସୃଷ୍ଟି କରିବା ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ରହିଛି ।

ସମ୍ମିଳନୀରେ ଅଂଶଗ୍ରହଣ କରିବାପାଇଁ ସାଉଦି ଆରବ ପକ୍ଷରୁ କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ କାର୍ଯ୍ୟରତ ଶୀର୍ଷ ଅଧିକାରୀମାନଙ୍କୁ ପ୍ରେରଣ କରାଯାଇଛି । ଡକ୍ଟର ଅବଦୁଲ୍ଲା ଆଲ୍‌ଘାମ୍‌ଦି ଏହାର ନେତୃତ୍ୱ ନେଇଛନ୍ତି । ମାନବିକତା ଏବଂ ଅର୍ଥନୈତିକ ବିକାଶ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତାର ବ୍ୟବହାର ସମ୍ପର୍କରେ ସାଉଦି ଆରବ ପକ୍ଷରୁ ପ୍ରଦର୍ଶନ କରାଯିବା ସହ ଏ କ୍ଷେତ୍ରରେ ଭାରତ ସହ ସହଯୋଗ ବୃଦ୍ଧିପାଇଁ ପ୍ରତିବଦ୍ଧତା ପ୍ରକାଶ ପାଇଛି ।

## ପି.ଏମ୍. - ଇଣ୍ଟରଭ୍ୟୁ ପି.ଟି.ଆଇ.

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଗାମୀ ଦଶନ୍ଧିପାଇଁ ୩ଟି କ୍ଷେତ୍ର ଉପରେ ପ୍ରାଥମିକତା ପ୍ରଦାନ କରିଛନ୍ତି । ସେଗୁଡ଼ିକ ହେଉଛି - ବ୍ୟାପକ ସଂରଚନାଜନିତ ସଂସ୍କାର, ନବସୃଜନ ଏବଂ ସହଜ ପ୍ରଶାସନିକ ବ୍ୟବସ୍ଥା । ଏକ ସମ୍ବାଦ ସରବରାହ ସଂସ୍ଥା ସହ ସାକ୍ଷାତ୍‌କାର ଅବସରରେ ଶ୍ରୀ ମୋଦି କହିଛନ୍ତି, କେନ୍ଦ୍ର ସରକାରଙ୍କ ସଂସ୍କାର ଏକ୍ସପ୍ରେସ୍ ଦେଶବାସୀଙ୍କୁ ସୁଫଳ ପ୍ରଦାନ କରୁଛି । ଆସନ୍ତା ଆର୍ଥିକ ବର୍ଷର ବଜେଟ୍ ବିକଶିତ ରାଷ୍ଟ୍ର ଗଠନ ଦିଗରେ ଆକାଂକ୍ଷାକୁ ପ୍ରତିଫଳନ କରୁଛି । ଏହି ବଜେଟ୍ 'ଆମେ ପ୍ରସ୍ତୁତ' ଦୃଷ୍ଟିକୋଣ ଆଧାରିତ । ଗତ ଦଶନ୍ଧିରେ ପ୍ରତିରକ୍ଷା କ୍ଷେତ୍ରରେ ହୋଇଥିବା ସଂସ୍କାରର ସୁଫଳ ଅପରେସନ ସିନ୍ଦୂରରେ ପ୍ରତିଫଳିତ ହୋଇଛି । ଦେଶର

ସୁରକ୍ଷା ସମ୍ପର୍କିତ ଆହ୍ୱାନକୁ ମୁକାବିଲା କରିବାରେ ଆମକୁ ସର୍ବଦା ପ୍ରସ୍ତୁତ ରହିବାକୁ ପଡ଼ିବ । ବାସ୍ତବତା ସହିତ ତାଳ ଦେଇ ପ୍ରତିରକ୍ଷା କ୍ଷେତ୍ରକୁ ଆଧୁନିକୀକରଣ କରିବା ଭାରତର ପ୍ରଥମ କର୍ତ୍ତବ୍ୟ । ଆସନ୍ତା ଆର୍ଥିକ ବର୍ଷପାଇଁ କେନ୍ଦ୍ରୀୟ ବଜେଟ୍‌ରେ ପ୍ରତିରକ୍ଷା କ୍ଷେତ୍ରକୁ ୭ ଲକ୍ଷ ୮୫ ହଜାର କୋଟି ଟଙ୍କା ପ୍ରଦାନ କରାଯାଇଛି । ପୂର୍ବ ବଜେଟ୍ ତୁଳନାରେ ଏହା ୧୫ ପ୍ରତିଶତ ଅଧିକ । ଶ୍ରୀ ମୋଦି କହିଛନ୍ତି, ବଜେଟ୍‌ରେ ଘୋଷିତ ଟିକସ ପ୍ରୋତ୍ସାହନ ବିଭିନ୍ନ କ୍ଷେତ୍ରରେ ନିବେଶକୁ ତ୍ୱରାନ୍ୱିତ କରିବା ସହିତ ଦେଶର ନିର୍ମାଣ କ୍ଷେତ୍ରରେ ଖର୍ଚ୍ଚ ହ୍ରାସ କରିବା ସହିତ ତଥ୍ୟ ଭିତ୍ତିଭୂମି କ୍ଷେତ୍ରରେ ବିଶ୍ୱ ସ୍ତରରେ ନିଜକୁ ଏକ ଅଗ୍ରଣୀ ରାଷ୍ଟ୍ର ଭାବେ ସ୍ଥାନିତ କରିପାରିବ । ବିକଶିତ ଭାରତ ଯାତ୍ରାରେ ମହିଳାଙ୍କ ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି । ଏହାକୁ ଦୃଷ୍ଟିରେ ରଖି ମହିଳା ସଶକ୍ତୀକରଣ କ୍ଷେତ୍ରରେ ବହୁ ପଦକ୍ଷେପ ଗ୍ରହଣ କରାଯାଇଛି ।

ବିଭିନ୍ନ ଦେଶ ସହ ଭାରତର ବାଣିଜ୍ୟ ଚୁକ୍ତି ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ରାଜନୈତିକ ସ୍ଥିରତା ଏବଂ ଏକ୍ଷେତ୍ରରେ ରହିଥିବା ଆକଳନ ନିବେଶକଙ୍କ ବିଶ୍ୱାସ ବୃଦ୍ଧି କରିଛି । ସୁଦୃଢ଼ ଉତ୍ପାଦ କ୍ଷେତ୍ର, ସେବା ଏବଂ ଏମ୍.ଏସ୍.ଏମ୍.ଇ. ଭାରତକୁ ବାଣିଜ୍ୟ ଚୁକ୍ତିପାଇଁ ଶକ୍ତି ପ୍ରଦାନ କରିଛି । ମୁକ୍ତ ବାଣିଜ୍ୟ ଚୁକ୍ତିନାମା, ବୟନ, ଚମଡ଼ା ଶିଳ୍ପ, ରସାୟନ, ହସ୍ତଶିଳ୍ପୀ, ରତ୍ନ ପଥର ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ବ୍ୟାପକ ସୁଯୋଗ ସୃଷ୍ଟି କରୁଛି । ସଂସ୍କାର ସରକାରଙ୍କ ଅଙ୍ଗୀକାରବଦ୍ଧତା ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିବା ସହ

କହିଛନ୍ତି, ଅର୍ଥନୈତିକ ପରିବର୍ତ୍ତନର ପରବର୍ତ୍ତୀ ପର୍ଯ୍ୟାୟପାଇଁ ଘରୋଇ କ୍ଷେତ୍ର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଦେଶବାସୀଙ୍କପାଇଁ ଆହୁରି ଅଧିକ ପଦକ୍ଷେପ ଗ୍ରହଣ କରିବା ଏବଂ ବିକାଶକୁ ତ୍ୱରାନ୍ୱିତ କରିବାରେ ଦୃଢ଼ ଇଚ୍ଛାଶକ୍ତି ରହିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ଡବ୍ଲ୍ୟୁ.ବି. - ଇ.ସି. ଡିସିପ୍ଲିନାରୀ ଆକ୍ସନ୍

ପଶ୍ଚିମବଙ୍ଗର ୭ ଜଣ ସହାୟକ ନିର୍ବାଚନ ପଞ୍ଜୀକରଣ ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ବାଚନ କମିଶନ୍ ନିର୍ଦ୍ଦେଶ ଦେଇଛନ୍ତି । ଅନିୟମିତତାର ଏକାଧିକ ଅଭିଯୋଗ ନେଇ କମିଶନ୍ଙ୍କ ପକ୍ଷରୁ ଏହି ନିର୍ଦ୍ଦେଶ ଦିଆଯାଇଛି । ରାଜ୍ୟ ମୁଖ୍ୟ ସଚିବ ନନ୍ଦିନୀ ଚକ୍ରବର୍ତ୍ତୀଙ୍କୁ ନିର୍ବାଚନ କମିଶନ୍ଙ୍କ ପକ୍ଷରୁ ଏ ସଂକ୍ରାନ୍ତ ଚିଠି ଲେଖାଯାଇଛି । କର୍ତ୍ତବ୍ୟରେ ଅବହେଳା, ଆଇନଗତ କ୍ଷମତାର ଅପବ୍ୟବହାର ଆଧାରରେ ତୁରନ୍ତ ସେମାନଙ୍କୁ ନିଲମ୍ବନ କରିବା ସହିତ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ବାଚନ କମିଶନ୍ ଚିଠିରେ ଉଲ୍ଲେଖ କରିଛନ୍ତି ।

# ଇ.ସି. - ଆସାମ ଭିଜିଟ୍

ଆଗାମୀ ବିଧାନସଭା ନିର୍ବାଚନ ପ୍ରସ୍ତୁତି ନେଇ ସମୀକ୍ଷା କରିବାକୁ ନିର୍ବାଚନ ଆୟୋଗ ଆଜିଠାରୁ ଆସାମ ଗସ୍ତରେ ଯାଉଛନ୍ତି । ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାର ଏବଂ ଅନ୍ୟ ଦୁଇ ଆୟୁକ୍ତ ଏସ୍.ଏସ୍. ସାନ୍ଧୁ ଏବଂ ବିବେକ ଯୋଶୀ ଆସାମକୁ ତିନିଦିନିଆ ଗସ୍ତରେ ଯାଉଛନ୍ତି । ନିର୍ବାଚନ ପ୍ରସ୍ତୁତି ତଥା ଅନ୍ୟାନ୍ୟ ଆନୁଷଙ୍ଗିକ ପଦକ୍ଷେପ ନେଇ ଆୟୋଗ ରାଜ୍ୟସ୍ତରୀୟ ବରିଷ୍ଠ ପଦାଧିକାରୀଙ୍କ ସହ ଆଲୋଚନା କରିବେ ।

# ଅମିତ ଶାହା - କୋଅପରେସନ୍ ମିନିଷ୍ଟର୍ସ

ଗୁଜୁରାଟର ଗାନ୍ଧିନଗରଠାରେ ସବୁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ସମବାୟ ମନ୍ତ୍ରୀଙ୍କର ଏକ ଉଚ୍ଚସ୍ତରୀୟ ବୈଠକ ଆସନ୍ତାକାଲି ଅନୁଷ୍ଠିତ ହେବ । ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ ଅମିତ୍ ଶାହାଙ୍କ ଅଧ୍ୟକ୍ଷତାରେ ମହାତ୍ମା ମନ୍ଦିର ସମ୍ମିଳନୀ କେନ୍ଦ୍ରଠାରେ ଏହି ମନ୍ଥନ ବୈଠକ ଆୟୋଜିତ ହେବାର କାର୍ଯ୍ୟସୂଚୀ ସ୍ଥିର ହୋଇଛି । ସମବାୟ ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଦେଶରେ ସମବାୟ କ୍ଷେତ୍ରରେ ପ୍ରମୁଖ ସଂସ୍କାର ଏବଂ ବ୍ୟାପକ ଭବିଷ୍ୟତ କାର୍ଯ୍ୟପନ୍ଥା ନେଇ ବୈଠକରେ ମତ ବିନିମୟ ହେବ । ରାଜ୍ୟ ଓ

କେନ୍ଦ୍ରଶାସିତ ଅଞ୍ଚଳର ସମବାୟ ମନ୍ତ୍ରୀମାନଙ୍କ ସହ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ, ମୁଖ୍ୟ ସଚିବ ପ୍ରମୁଖ ଏହି ବୈଠକରେ ଯୋଗଦେବେ । ଜୈବିକ କୃଷି, ଗୁଣାତ୍ମକ ବିହନ ଯୋଗାଣ ଏବଂ ରପ୍ତାନୀ କ୍ଷେତ୍ରକୁ ଅଧିକ ଗତିଶୀଳ କରିବାରେ ଏହି ବୈଠକ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ ବୋଲି ଆଶା କରାଯାଉଛି ।

## ଇରାନ୍-ୟୁ.ଏସ୍. ଟକ୍ସ

ଆମେରିକା ଏବଂ ଇରାନ୍ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ପରମାଣୁ ସଂକ୍ରାନ୍ତ ଆଲୋଚନା ଆସନ୍ତାକାଲି ସ୍ୱିଜରଲାଣ୍ଡର ଜେନେଭାଠାରେ ଅନୁଷ୍ଠିତ ହେବ । ଏଥିରେ ଅଂଶଗ୍ରହଣ କରିବାପାଇଁ ଇରାନ୍‌ର ବୈଦେଶିକ ମନ୍ତ୍ରୀ ଆବାସ୍ ଅର୍ଘାଚୀଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ଜେନେଭା ଗସ୍ତ କରିଛନ୍ତି । ଏହି ଗସ୍ତ ଅବସରରେ ଶ୍ରୀ ଅର୍ଘାଚୀ ତାଙ୍କ ସ୍ୱିଜରଲାଣ୍ଡ ଏବଂ ଓମାନ ପ୍ରତିପକ୍ଷଙ୍କ ସହିତ ଆଲୋଚନା କରିବେ । ଜାତିସଂଘ ପରମାଣୁ ନିରୀକ୍ଷଣ ସଂସ୍ଥା, ଆନ୍ତର୍ଜାତିକ ପରମାଣୁ ଶକ୍ତି ସଂସ୍ଥା ନିର୍ଦ୍ଦେଶକଙ୍କ ସହିତ ମଧ୍ୟ ଏହି ଗସ୍ତ ଅବସରରେ ଶ୍ରୀ ଅର୍ଘାଚୀ ସାକ୍ଷାତ୍ ଆଲୋଚନା କରିବାର ଆଶା କରାଯାଉଛି । ଆମେରିକାର ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ ପୂର୍ବରୁ କହିଥିଲେ, ତେହେରାନ୍ ସହିତ ମତଭେଦ ସମାପ୍ତ କରିବାପାଇଁ ଏକ କୂଟନୈତିକ

ସମାଧାନ ଦିଗରେ ୱାଶିଂଟନ ଆଗ୍ରହୀ । ରାଷ୍ଟ୍ରପତି ଟ୍ରମ୍ପଙ୍କ ପ୍ରତିନିଧିଭାବେ ଷ୍ଟିଭ୍ ୱିଟ୍କଫ୍ ଏବଂ ଜାରେଡ୍ କୁଶ୍ନର୍ ଏହି ଦ୍ୱିତୀୟ ପର୍ଯ୍ୟାୟ ଆମେରିକା ପକ୍ଷରୁ ଅଂଶଗ୍ରହଣ କରିବେ । ସୂଚନାଯୋଗ୍ୟ, ଗତ ସପ୍ତାହରେ ଓମାନ୍‌ରେ ପ୍ରଥମ ପର୍ଯ୍ୟାୟ ପରୋକ୍ଷ ଆଲୋଚନା ଅନୁଷ୍ଠିତ ହୋଇଥିଲା । ଅନ୍ୟପକ୍ଷରେ ଇରାନ୍ ଉପରେ କୌଣସି ପ୍ରକାର ଆକ୍ରମଣ ଆଞ୍ଚଳିକ ସଂଘର୍ଷ ସୃଷ୍ଟି କରିବ ବୋଲି ଆରବ ଦେଶଗୁଡ଼ିକ ଚେତାବନୀ ଦେଇଛନ୍ତି ।

## ୟୁ.ଏସ୍. ପିସ୍ ବୋର୍ଡ଼

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ୍ ଟ୍ରମ୍ପ କହିଛନ୍ତି, ନବଗଠିତ ଶାନ୍ତି ପରିଷଦରେ ସଦସ୍ୟ ରାଷ୍ଟ୍ର ଯୁଦ୍ଧ କ୍ଷତିଗ୍ରସ୍ତ ଗାଜାର ପୁନଃନିର୍ମାଣପାଇଁ ୫ ବିଲିୟନ୍ ଆମେରିକୀୟ ଡଲାର ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି । ଆନ୍ତର୍ଜାତିକ ସ୍ଥିରତା ଏବଂ ସୁରକ୍ଷା ବାହିନୀରେ କର୍ମଚାରୀ ନିୟୋଜନପାଇଁ ଏହା ଉପଯୋଗୀ ସାବ୍ୟସ୍ତ ହେବ । ଇତିମଧ୍ୟରେ ୱାଶିଂଟନ୍‌ଠାରେ ପରିଷଦର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଥିଲା । ସଦସ୍ୟଗଣ ଦେଇଥିବା ପ୍ରତିଶ୍ରୁତି ଉପରେ ବିସ୍ତୃତ ବିବରଣୀ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇ ନାହିଁ । ତେବେ ଇଣ୍ଡୋନେସିଆର ସାମରିକ ବାହିନୀ କରିଥିବା ଘୋଷଣା ଅନୁଯାୟୀ

ମାନବିକ ଏବଂ ଶାନ୍ତି ମିଶନ୍‌ର ଅଂଶଭାବେ ଗାଜାରେ ସମ୍ଭାବ୍ୟ ନିୟୋଜନ ନେଇ ଜୁନ୍ ଶେଷ ସୁଦ୍ଧା ୮ ହଜାର ସୈନିକ ମୁତୟନ କରିବ ।

## କ୍ରିକେଟ୍ - ଟି-ଟ୍ୱେଣ୍ଟି

ଆଇ.ସି.ସି. ପୁରୁଷ ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାର ଗତକାଲିର ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ରେ ଭାରତ ବିଜୟୀ ହୋଇଛି । କଲେମ୍ବୋର ଆର୍. ପ୍ରେମଦାସା ଷ୍ଟାଡିୟମ୍‌ଠାରେ ଗତ ସନ୍ଧ୍ୟାରେ ଖେଳାଯାଇଥିବା ମ୍ୟାଚ୍‌ରେ ଭାରତ ୬୧ ରନ୍‌ରେ ପାକିସ୍ତାନକୁ ପରାସ୍ତ କରିଛି । ଏଥିସହ ଦ୍ୱିତୀୟ ଦଳ ଭାବେ ସୁପର୍ ଏଇଟ୍ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି । ଟସ୍ ଜିତି ପାକିସ୍ତାନ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଭାରତ ନିର୍ଦ୍ଧାରିତ ୨୦ ଓଭରରେ ଇଶାନ୍ କିଷନ୍‌ଙ୍କ ଦ୍ରୁତ ୭୭ ରନ୍ ବଳରେ ୭ ୱିକେଟ୍ ବିନିମୟରେ ୧୭୫ ରନ୍ ସଂଗ୍ରହ କରିଥିଲା । ବିଜୟ ଲକ୍ଷ୍ୟକୁ ପିଛା କରି ପାକିସ୍ତାନ ୧୮ ଓଭର୍‌ରେ ସମସ୍ତ ୱିକେଟ୍ ହରାଇ ୧୧୪ ରନ୍ ସଂଗ୍ରହ କରିଥିଲା ।

ଆଜି ଅନୁଷ୍ଠିତ ହେବାକୁ ଥିବା ୩ଟି ମ୍ୟାଚ୍ ମଧ୍ୟରୁ ପ୍ରଥମ ମ୍ୟାଚ୍‌ରେ ପୂର୍ବାହ୍ନ ୧୧ଟାରେ ଦିଲ୍ଲୀରେ ଆଫଗାନିସ୍ତାନ ଏବଂ ୟୁ.ଏ.ଇ. ମଧ୍ୟରେ ମୁକାବିଲା ହେବ । ଅପରାହ୍ଣ ୩ଟାରେ କୋଲ୍‌କାତାରେ ଇଂଲଣ୍ଡ ଏବଂ

ଇଟାଲୀ ପରସ୍ପରକୁ ଭେଟିବାକୁ ଥିବାବେଳେ ସନ୍ଧ୍ୟା ୭ଟାରେ ପାଲ୍ଲେକେଲେଠାରେ ଅଷ୍ଟ୍ରେଲିଆ ଓ ଶ୍ରୀଲଙ୍କା ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।

*****